रजिस्ट्री सं० डी-221

REGISTERED No. D.-221
ରେଜିଷ୍ଟ୍ରି ସଂ. ଡି.-221

भारत का राजपत्र
The Gazette of India
ଭାରତର ଗେଜେଟ

असाधारण
EXTRAORDINARY
ଅସାଧାରଣ

भाग XIII—अनुभाग I
Part XIII—Section I
ଭାଗ XIII—ଖଣ୍ଡ I

प्राधिकार से प्रकाशित
PUBLISHED BY THE AUTHORITY
ପ୍ରାଧିକାର ଦ୍ୱାରା ପ୍ରକାଶିତ

No. 1 NEW DELHI MONDAY APRIL 5, 1999 CHAITRA 15, 1921 (SAKA) VOL. 6
ସଂ 1 ନୂଆଦିଲ୍ଲୀ ସୋମବାର ଅପ୍ରେଲ 5, 1999 ଚୈତ୍ର 15, 1921 (ଶକ) ଗ୍ରନ୍ଥଖଣ୍ଡ 6

## MINISTRY OF LAW, JUSTICE AND COMPANY AFFAIRS

**(Legislative Department)**

*New Delhi, dated the 5th April 1999/15 Chaitra, 1921 (SAKA)*

The Translation in Oriya of the following:—

(1) The Indian Partnership Act, 1932, (2) The Indian Boilers Act, 1923, (3) The Registration of Births and Deaths Act, 1969, (4) The War Injuries Compensation Insurance Act, 1943, (5) The Maternity Benefit Act, 1961, (6) The United Nations (Privileges and Immunities) Act, 1947, (7) The Exchange of Prisoners Act, 1948, (8) The Trading with the Enemy (Continuance of Emergency Provisions) Act, 1947, (9) The Indian Works of Defence Act, 1903, (10) The Oaths Act, 1969, (11) The Employers Liability Act, 1938, (12) The Coroners Act, 1871, (13) The Hindu Adoption

and Maintenance Act, 1956, (14) The Births, Deaths and Marriages Registration Act, 1886, (15) The Industrial Disputes (Banking Companies) Decision Act, 1955, (16) The Employment Exchange (Compulsory Notification of Vacancies) Act, 1959, (17) The Estate Duty Act, 1953, (18) The Representation of Peoples Act, 1950, (19) The Indian Limitation Act, 1963, (20) The Guardian and Wards Act, 1890, (21) The Motor Transport Workers Act, 1961, (22) The Payment of Wages Act, 1936, are hereby published under the authority of the President and shall be deemed to be the Authoritative Texts thereof in Oriya under clause (a) of section 2 of the Authoritative Texts (Central Laws) Act, 1973 (50 of 1973).

## ବିଧି ଓ ନ୍ୟାୟ ମନ୍ତ୍ରଣାଳୟ

### (ବିଧାୟୀ ବିଭାଗ)

### ନୂଆଦିଲ୍ଲୀ

(1) ଦି ଇଣ୍ଡିଆନ୍ ପାର୍ଟନରସିପ୍ ଏକ୍ଟ, 1932, (2) ଦି ଇଣ୍ଡିଆନ୍ ବୟଲରସ୍ ଏକ୍ଟ, 1923, (3) ଦି ରେଜିଷ୍ଟ୍ରେସନ୍ ଅଫ୍ ବାର୍ଥ ଆଣ୍ଡ ଡେଥ ଏକ୍ଟ, 1969, (4) ଦି ଓ୍ୱାର ଇନ୍‌ଜୁରିଜ୍ (କମ୍ପେନ୍‌ସେସନ ଇନ୍‌ସୁରାନ୍‌ସ) ଏକ୍ଟ, 1943, (5) ଦି ମେଟାରନିଟି ବେନେଫିଟ୍ ଏକ୍ଟ 1961, (6) ଦି ଇଉନାଇଟେଡ୍ ନେସନ୍‌ସ (ପ୍ରିଭିଲେଜେସ୍ ଆଣ୍ଡ ଇମୁନିଟିଜ୍) ଏକ୍ଟ, 1947, (7) ଦି ଏକ୍‌ସଚେନଜ ଅଫ୍ ପ୍ରିଜିନରସ୍ ଏକ୍ଟ, 1948, (8) ଦି ଟ୍ରେଡ଼ିଂଗ୍ ଉଇଥ୍ ଦି ଏନ୍‌ମି (କନ୍‌ଟିନ୍ୟୁୟାନସ୍ ଅଫ୍ ଏମରର୍ଜେନ୍‌ସି ପ୍ରୋଭିଜନସ) ଏକ୍ଟ, 1947, (9) ଦି ଇଣ୍ଡିଆନ ଓ୍ୱାର୍କସ୍ ଅଫ୍ ଡ଼ିଫେନସ୍ ଏକ୍ଟ, 1903, (10) ଦି ଓଥ୍‌ସ୍ ଏକଟ, 1969, (11) ଦି ଏମ୍ପ୍ଲଜ୍ ଲଇୟାବିଲିଟି ଏକ୍ଟ, 1938, (12) ଦି କୋରେନରସ ଆକ୍ଟ, 1871, (13) ଦି ହିଂଦୁ ୟାଡପଶନ୍ ଏଣ୍ଡ ମେନ୍‌ଟିନ୍ୟାନ୍‌ସ ଏକ୍ଟ, 1956, (14) ଦି ବାର୍ଥସ, ଡେଥସ୍ ଏଣ୍ଡ ମ୍ୟାରିଜେସ୍ ରେଜିଷ୍ଟ୍ରେସନ୍ ଏକ୍ଟ, 1886, (15) ଦି ଇଣ୍ଡଷ୍ଟ୍ରିଆଲ ଡିସ୍‌ପିଉଟସ୍ (ବ୍ୟାକିଂ କମ୍ପାନିଜ) ଡିସିସନ୍ ଏକ୍ଟ, 1955, (16) ଦି ଏମ୍ପ୍ଲୟମେଣ୍ଟ ଏକ୍‌ସଚେଞ୍ଜ (କଂପଲସରି ନୋଟିଫିକେସନ ଅଫ୍ ଭେକାନ୍‌ସିଜ) ଏକ୍ଟ, 1959 (17) ଦି ଇଷ୍ଟେଟ ଡିଉଟି ଏକ୍ଟ, 1953, (18) ଦି ରିପ୍ରେଜେନଟେସନ ଅଫ୍ ପିପୁଲସ୍ ଏକଟ, 1950, (19) ଦି ଇଣ୍ଡିଆନ୍ ଲିମିଟେସନ ଏକ୍ଟ, 1963, (20) ଦି ଗାର୍ଡିୟାନ୍ ଆଣ୍ଡ ଓୟାର୍ଡସ୍ ଏକ୍ଟ, 1890, (21) ଦି ମୋଟର ଟ୍ରାନ୍‌ସ୍‌ପୋର୍ଟ ଓ୍ୱାକରସ ଏକ୍ଟ, 1961, (22) ଦି ପେମେଣ୍ଟ ଅଫ୍ ଓ୍ୱେଜେସ୍ ଏକ୍ଟ, 1936 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ୱାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50) ର ଧାରା 2 ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ଶିଳ୍ପ ବିବାଦ (ବ୍ୟାଙ୍କକାରୀ କମ୍ପାନୀ) ବିନିଶ୍ଚୟ ଅଧିନିୟମ, 1955

1955ର ଅଧିନିୟମ ସଂ 41

**ବ୍ୟାଙ୍କ ଅଧିନିର୍ଣ୍ଣୟ ଆୟୋଗର ସୁପାରିଶ ଅନୁସାରେ 28 ଏପ୍ରିଲ, 1954ର ଶ୍ରମ ଅପିଲ ଟ୍ରିବୁନାଲ ବିନିଶ୍ଚୟର ରୂପ ଭେଦନ ପାଇଁ ଏବଂ ତଦନୁସାରେ ଅଧିନିର୍ଣ୍ଣୟଟିକୁ ପ୍ରଭାବୀ କରିବା ପାଇଁ ଉପବନ୍ଧିତ କରିବାକୁ ଏକ ଅଧିନିୟମ ।**

( 21 ଅକ୍‌ଟୋବର, 1955 )

ଭାରତ ଗଣ ରାଜ୍ୟର ଷଷ୍ଠ ବର୍ଷରେ ସଂସଦ ଦ୍ୱାରା ଏହା ନିମ୍ନମତେ ଅଧିନିୟମିତ ହେଲା:—

ସଂକ୍ଷିପ୍ତ ନାମ

1. ଏହି ଅଧିନିୟମଟି ଶିଳ୍ପ ବିବାଦ (ବ୍ୟାଙ୍କକାରୀ କଂପାନୀ) ବିନିଶ୍ଚୟ ଅଧିନିୟମ, 1955 ନାମରେ ଅଭିହିତ ହେବ ।

ସଂଜ୍ଞା

2. ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁ ନ ଥିଲେ ଏହି ଅଧିନିୟମରେ,—

(କ) "ଅପିଲୀୟ ବିନିଶ୍ଚୟ" କହିଲେ ନିଖିଳ ଭାରତ ଶିଳ୍ପ ଟ୍ରିବୁନାଲ (ବ୍ୟାଙ୍କ ବିବାଦ), ବମ୍ବେର ଅଧିନିର୍ଣ୍ଣୟ ବିରୁଦ୍ଧରେ ଶ୍ରମ ଅପିଲୀୟ ଟ୍ରିବୁନାଲଠାରେ ଦାଏର କରାଯାଇଥିବା ଅପିଲଗୁଡ଼ିକ ବିଷୟରେ ଶ୍ରମ ଅପିଲ ଟ୍ରିବୁନାଲ 28 ଏପ୍ରିଲ, 1954ର ବିନିଶ୍ଚୟକୁ ବୁଝାଏ ,

(ଖ) "ଅଧିନିର୍ଣ୍ଣୟ" କହିଲେ ଭାରତ ସରକାରଙ୍କର ଶ୍ରମ ମନ୍ତ୍ରାଳୟର ଅଧିସୂଚନା ସଂ ଏସ. ଆର୍. ଓ. 35, ତାରିଖ 5 ଜାନୁଆରୀ, 1952 ଦ୍ୱାରା ଗଠିତ ନିଖିଳ ଭାରତ ଶିଳ୍ପ ଟ୍ରିବୁନାଲ (ବ୍ୟାଙ୍କ ବିବାଦ), ବମ୍ବେର ଅଧିନିର୍ଣ୍ଣୟକୁ ବୁଝାଏ,

(ଗ) "ବ୍ୟାଙ୍କ ଅଧିନିର୍ଣ୍ଣୟ ଆୟୋଗ" କହିଲେ ଭାରତ ସରକାରଙ୍କର ଶ୍ରମ ମନ୍ତ୍ରାଳୟର ନିର୍ଦ୍ଧାରଣ ସଂ ଏଲ. ଆର୍. 100 (56)/54, ତାରିଖ 17 ସେପ୍‌ଟେମ୍ବର, 1954ରେ ବିନିର୍ଦ୍ଦିଷ୍ଟ ହୋଇଥିବା ନିର୍ଦ୍ଦେଶିତ ସର୍ତ୍ତାବଳୀକୁ ଅନୁସଂଧାନ କରିବାକୁ ଏବଂ ତହିଁ ଉପରେ ରିପୋର୍ଟ କରିବାକୁ ଭାରତ ସରକାରଙ୍କର ଶ୍ରମ ମନ୍ତ୍ରାଳୟର ନିର୍ଦ୍ଧାରଣ ସଂ ଏଲ୍. ଆର୍ 100 (୨)/55, ତାରିଖ 25 ଫେବୃଆରୀ, 1955 ଦ୍ୱାରା ନିଯୁକ୍ତ ବ୍ୟକ୍ତିଙ୍କୁ ବୁଝାଏ,

(ଘ) "ରୂପ ଭେଦନ ଆଦେଶ" କହିଲେ ଶିଳ୍ପ ବିବାଦ ଅପିଲ ଟ୍ରିବୁନାଲ ଆଧିନିୟମ, 1950ର ଧାରା 15 ଅନୁଯାୟୀ ଅପିଲୀୟ ବିନିଶ୍ଚୟକୁ ରୂପଭେଦିତ କରୁଥିବା ଭାରତ ସରକାରଙ୍କର ଶ୍ରମ ମନ୍ତ୍ରାଳୟ ଆଦେଶ ସଂ ଏସ୍. ଆର . ଓ. 2732, ତାରିଖ 24 ଅଗଷ୍ଟ, 1954 କୁ ବୁଝାଏ ।

ବ୍ୟାଙ୍କ ଅଧିନିର୍ଣ୍ଣୟ ଆୟୋଗଦ୍ୱାରା ସୁପାରିଶକୃତ ରୂପଭେଦନ ସାପେକ୍ଷରେ ଅପିଲୀୟ ବିନିଶ୍ଚୟ ପ୍ରଭବୀ ହେବ ।

3. (1) ଅପିଲୀୟ ବିନିଶ୍ଚୟଟି ଏପରି ପ୍ରଭାବୀ ହେବ ଯେପରିକି ତାରିଖ 25 ଜୁଲାଇ, 1955 ର ବ୍ୟାଙ୍କ ଅଧିନିର୍ଣ୍ଣୟ ଆୟୋଗର ଅଧ୍ୟାୟ XIରେ ସୁପାରିଶ କରାଯାଇଥିବା ରୂପଭେଦନଗୁଡ଼ିକ ପ୍ରକୃତରେ ତହିଁରେ କରାଯାଇଥିଲା ଏବଂ ସେଭଳି ରୂପଭେଦିତ ଅପିଲୀୟ ବିନିଶ୍ଚୟଟି ଶିଳ୍ପ ବିବାଦ ଅପିଲ ଟ୍ରିବୁନାଲ ଅଧିନିୟମ, 1950 ର ଅର୍ଥ ମଧ୍ୟରେ ଅପିଲ ଟ୍ରିବୁନାଲ ବିନିଶ୍ଚୟ ହେବ ଏବଂ ଅଧିନିର୍ଣ୍ଣୟଟି ତଦନୁସାରେ ପ୍ରଭାବୀ ହେବ ।

(2) ଉପଧାରା (1) ରେ ଯାହା କିଛି ଥିବା ସତ୍ତ୍ୱେ ଅଧ୍ୟାୟ XI ରେ ବିନିର୍ଦ୍ଦିଷ୍ଟ ପୂର୍ବତନ ତ୍ରାଭାଂକୋର କୋଚିନ ରାଜ୍ୟରେ ନିର୍ଗମିତ ବ୍ୟାଙ୍କକାରୀ କଂପାନୀଗୁଡ଼ିକ ସଂପର୍କରେ ହୋଇଥିବା ବ୍ୟାଙ୍କ ଅଧିନିର୍ଣ୍ଣୟ ଆୟୋଗର ରିପୋର୍ଟର ଅଧ୍ୟାୟ XI ରେ ସୁପାରିଶଗୁଡ଼ିକ ରୂପଭେଦିତ ହେବ; ଏବଂ

(କ) ସାଉଥ ଇଣ୍ଡିଆନ ବ୍ୟାଙ୍କ ଲିମିଟେଡ, ତ୍ରିଚୁର ଏବଂ କ୍ୟାଥଲିକ ସିରିଆନ ବ୍ୟାଙ୍କ ଲିମିଟେଡ, ତ୍ରିଚୁର ନାମକ 'ଗ' ଶ୍ରେଣୀ ବ୍ୟାଙ୍କଗୁଡ଼ିକ ସଂପର୍କରେ 1 ଜାନୁଆରୀ, 1955 ଠାରୁ ଏପରି ରୂପଭେଦିତ ହୋଇଛି ବୋଲି ବିବେଚିତ ହେବ ଯେପରି କି,

(1) ଉକ୍ତ ସୁପାରିଶଗୁଡ଼ିକର ଖଣ୍ଡ (1) ରେ—

(*i*) 'ଗ' ଶ୍ରେଣୀ ଶୀର୍ଷକ ଅଧୀନରେ ପ୍ରବିଷ୍ଟି, (VIII) ତ୍ରାଭାଂକୋର ବ୍ୟାଙ୍କ ଉତ୍ତାରେ ପ୍ରବିଷ୍ଟି (IX) ସାଉଥ ଇଣ୍ଡିଆନ ବ୍ୟାଙ୍କ, ତ୍ରିଚୁର, ଏବଂ (X) କ୍ୟାଥଲିକ ସିରିଆନ ବ୍ୟାଙ୍କ, ତ୍ରିଚୁର, ଅନ୍ତସ୍ଥାପିତ ହୋଇଛି ;

(*ii*) ଉପଖଣ୍ଡ (ଖ) ଅଧୀନରେ ରକମ (1) ଏବଂ (2) ଲୋପକରାଯାଇଛି, ଏବଂ

(2) ତାହାର ଖଣ୍ଡ (2)ରେ ଶବ୍ଦାବଳୀ ତ୍ରାଭାଂକୋର ବ୍ୟାଙ୍କ ପରେ ଶବ୍ଦାବଳୀ 'ସାଉଥ ଇଣ୍ଡିଆନ ବ୍ୟାଙ୍କ,' ତ୍ରିଚୁର ଏବଂ କ୍ୟାଥଲିକ ସିରିଆନ ବ୍ୟାଙ୍କ, ତ୍ରିଚୁର, ଅନ୍ତଃସ୍ଥାପିତ ହୋଇଛି,

(ଖ) ପଲାଇ ସେଂଟ୍ରାଲ ବ୍ୟାଙ୍କ ଲିମିଟେଡ୍, ପଲାଇ ଏବଂ ତ୍ରାଭାଂକୋର ଫରଓ୍ଵାର୍ଡ ବ୍ୟାଙ୍କ ଲିମିଟେଡ୍, କୋଟାୟମ୍ ନାମକ 'ଗ' ଶ୍ରେଣୀ ବ୍ୟାଙ୍କଗୁଡ଼ିକ ଏବଂ 'ଘ' ଶ୍ରେଣୀ ବ୍ୟାଙ୍କଗୁଡ଼ିକ ସଂପର୍କରେ 1 ଜାନୁଆରୀ, 1956 ଠାରୁ ଏପରି ରୂପଭେଦିତ ହୋଇଛି ବୋଲି ବିବେଚିତ ହେବ ଯେପରିକି ଉକ୍ତ ସୁପାରିଶଗୁଡ଼ିକରେ ଖଣ୍ଡ (1)ରେ ଉପଖଣ୍ଡ (ଖ) ଅଧୀନରେ ରକମ (*i*) ଓ (*ii*) ଲୋପ କରାଯାଇଅଛି ।

(3) ଉପଧାରା (2) ରେ ବିନିର୍ଦ୍ଦିଷ୍ଟ ବ୍ୟାଙ୍କକାରୀ କଂପାନୀଗୁଡ଼ିକର ଶ୍ରମିକମାନଙ୍କୁ ଉକ୍ତ ଉପଧାରାରେ ପ୍ରଭାବୀ ହୋଇଥିବା ରୂପଭେଦନଗୁଡ଼ିକର କାରଣରୁ ସଂଦେୟ ଉପଲବ୍ଧିଗୁଡ଼ିକର ବକେୟା ଭାଗ ନିମ୍ନ ପ୍ରକାରେ ଦିଆଯିବ ।

(କ) ଉକ୍ତ ଉପଧାରାର ଖଣ୍ଡ (କ) ରେ ବିନିର୍ଦ୍ଦିଷ୍ଟ ବ୍ୟାଙ୍କକାରୀ କଂପାନୀଗୁଡ଼ିକ ଘଟଣାରେ:–

(*i*) 1955 ମସିହାର ବକେୟା ଦୁଇଟି ସମାନ କିସ୍ତିରେ ଦିଆଯିବ ଯାହାର କି ପ୍ରଥମ କିସ୍ତିଟି ଶିଳ୍ପ ବିବାଦ (ବ୍ୟାଙ୍କକାରୀ କଂପାନୀ) ବିନିଶ୍ଚୟ ସଂଶୋଧନ ଅଧିନିୟମ, 1957ର ପ୍ରାରମ୍ଭ ହେବାର ତିରିଶ ଦିନ ମଧ୍ୟରେ ଏବଂ ଦ୍ୱିତୀୟଟି ସେଭଳି ପ୍ରାରମ୍ଭରେ ଛ'ମାସ ପରେ ଦିଆଯିବ, ଏବଂ

(*ii*) 1 ଜାନୁଆରୀ, 1956 ଠାରୁ ସେଭଳି ପ୍ରାରମ୍ଭର ମଧ୍ୟବର୍ତ୍ତୀ କାଳାବଧି ପାଇଁ ବକେୟା ତାହାର ତିରିଶ ଦିନ ମଧ୍ୟରେ ସଂଦତ୍ତ ହେବ ।

(ଖ) ସେହି ଉପଧାରାର ଖଣ୍ଡ (ଖ) ରେ ବିନିର୍ଦ୍ଦିଷ୍ଟ ବ୍ୟାଙ୍କକାରୀ କଂପାନୀଗୁଡ଼ିକ ଘଟଣାରେ 1 ଜାନୁଆରୀ, 1956 ଠାରୁ ସେଭଳି ପ୍ରାରମ୍ଭର ମଧ୍ୟବର୍ତ୍ତୀ କାଳାବଧି ପାଇଁ ବକେୟା ତାହାର ତିରିଶ ଦିନ ମଧ୍ୟରେ ଦିଆଯିବ ।

(4) ଏହି ଧାରାର ଉଦ୍ଦେଶ୍ୟ ନିମିତ୍ତ ଅଭିବ୍ୟକ୍ତି 'ପୂର୍ବତନ ତ୍ରାଭାଂକୋର କୋଚିନ' ରାଜ୍ୟ କହିଲେ ସେଭଳି ଅବସ୍ଥାର ତ୍ରାଭାଂକୋର କୋଚିନ ରାଜ୍ୟକୁ ବୁଝାଇବ ଯେପରି ଅବସ୍ଥାରେ ତାହା 1 ନଭେମ୍ବର, 1956 ର ଅବ୍ୟବହିତ ପୂର୍ବରୁ ଥିଲା ।

(5) ଏହି ଧାରାର ପୂର୍ବଗାମୀ ଉପବନ୍ଧଗୁଡ଼ିକରେ ଯାହା କିଛି ଥିବା ସତ୍ତ୍ୱେ କେନ୍ଦ୍ରୀୟ ସରକାର ବ୍ୟାଙ୍କ ଅଧିନିର୍ଣ୍ଣୟ ଆୟୋଗର ରିପୋର୍ଟର ଅଧ୍ୟାୟ 11ର ଖଣ୍ଡ 1(ଡ) ରେ ସୁପାରିଶ ହୋଇଥିବା ମହଙ୍ଗା ଭତ୍ତାର ସମାୟୋଜନର ଅଭାବରେ ସମୟକୁ ସମୟ ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ସେପରି ସମାୟୋଜନ ମାନ କରି ପାରନ୍ତି ଯାହାକି 31 ଡ଼ିସେମ୍ବର, 1957ର ପରବର୍ତ୍ତୀ କୌଣସି କାଳାବଧି ପାଇଁ ସେହି କାଳାବଧିର ଠିକ୍ ପୂର୍ବଗାମୀ ଯେକୌଣସି କାଳାବଧି ସଂକ୍ରାନ୍ତରେ ସର୍ବ ଭାରତୀୟ ହାରାହାରି ଜୀବନ ନିର୍ବାହ ବ୍ୟୟ ସୂଚକ ବୃଦ୍ଧି ବା ହ୍ରାସ ପ୍ରତି 144 (1944-100) ସହ ତୁଳନା ପୂର୍ବକ ନିର୍ଦ୍ଦେଶିତ କରି ତାହାଙ୍କୁ ଉଚିତ ବୋଲି ମନେ ହୁଏ ଏବଂ ସେଭଳି ଅଧିସୂଚନା ଜାରି ହେବା ପରେ ଯେକୌଣସି କାଳାବଧି ପାଇଁ ସେପରି କରାଯାଇଥିବା ମହଙ୍ଗାଭତ୍ତାର ସମାୟୋଜନ ସେହି ଆୟୋଗର ରିପୋର୍ଟର ଖଣ୍ଡ 1(ଡ)ରେ ସୁପାରିଶ କରାଯାଇଅଛି ବୋଲି ବିବେଚିତ ହେବ :

ପରନ୍ତୁ ସେପରି କରାଯାଇଥିବା ଯେକୌଣସି ସମାୟୋଜନ ଜୀବନ ନିର୍ବାହ ବ୍ୟୟ ସୂଚକର ବୃଦ୍ଧି ବା ହ୍ରାସ ସହ ଯଥାସମ୍ଭବ ସେହି ଅନୁପାତ ଧାରଣ କରିବ ଯାହାକି ସେହି ଖଣ୍ଡରେ ସୁପାରିଶ କରାଯାଇଥିବା ସୂତ୍ରରେ ମହଙ୍ଗା ଭତ୍ତାର ସମାୟୋଜନ ଏବଂ ନିର୍ବାହ ବ୍ୟୟ ସୂଚକ ମଧ୍ୟରେ ଥିବାର ଦର୍ଶାଯାଇଥିବ ।

ଅଧିନିର୍ଣ୍ଣୟର ଅବଧି ।

4. ଶିଳ୍ପ ବିବାଦ ଅଧିନିୟମ, 1947 ବା ଶିଳ୍ପ ବିବାଦ (ଅପିଲ ଟ୍ରିବୁନାଲ) ଅଧିନିୟମ, 1950 ରେ ଯାହା କିଛି ଥିବା ସତ୍ତ୍ୱେ ଧାରା 3 ରେ ସୂଚିତ ରୀତିରେ ଅପିଲୀୟ ଟ୍ରିବୁନାଲର ବିନିଶ୍ଚୟ ଦ୍ୱାରା ବର୍ତ୍ତମାନ ରୂପଭେଦିତ ଅଧିନିର୍ଣ୍ଣୟଟି 31 ମାର୍ଚ୍ଚ, 1959 ପର୍ଯ୍ୟନ୍ତ ବଳବତ୍ତର ରହିବ ।

କତିପୟ ଘଟଣା ବ୍ୟତୀତ ଅନ୍ୟଥା ରୂପଭେଦନ ଆଦେଶ ପ୍ରଭାବୀ ହେବ ନାହିଁ ।

5. ରୂପଭେଦନ ଆଦେଶର ଉପବନ୍ଧଗୁଡ଼ିକ ଧାରା 3 ର ଉପବନ୍ଧଗୁଡ଼ିକ କାରଣରୁ ଅଧିନିର୍ଣ୍ଣୟରେ ସେଭଳି ଉପବନ୍ଧମାନ ଯେତେଦୂର ନିଗମିତ ହୋଇଥିବ ତାହା ବ୍ୟତୀତ କେବେ ସୁଦ୍ଧା ବଳବତ୍ତ ବା ପ୍ରଭାବୀ ହୋଇଥିଲା ବୋଲି ବବେଚିତ ହେବ ନାହିଁ ।

| | |
|---|---|
| ଅସୁବିଧା ଦୂରୀକରଣ ପାଇଁ କ୍ଷମତା । | 6. (1) ଯଦି କେନ୍ଦ୍ର ସରକାରଙ୍କ ମତରେ ଧାରା 3 ରେ ସୂଚିତ ରୀତିରେ ଅପିଲ ଟ୍ରିବୁନାଲ ବିନିଶ୍ଚୟ ଦ୍ୱାରା ବର୍ତ୍ତମାନ ରୂପଭେଦିତମତେ ଅଧିନିର୍ଣ୍ଣୟର କୌଣସି ଉପବନ୍ଧର ନିର୍ବାଚନ ସଂପର୍କରେ କୌଣସି ଅସୁବିଧା ଉପୁଜିଥାଏ ତେବେ ସେମାନେ ଯେଉଁ ବିଷୟ ସଂପର୍କରେ ସେଭଳି ଅସୁବିଧା ବା ସଂଦେହ ଉପୁଜିଥାଏ ତାହାକୁ ଶିଳ୍ପ ବିବାଦ (ଅପିଲ ଟ୍ରିବୁନାଲ) ଅଧିନିୟମ, 1950 ଅନୁଯାୟୀ ଗଠିତ ଶ୍ରମ ଅପିଲ ଟ୍ରିବୁନାଲର ଏକ ସଦସ୍ୟଙ୍କ ନିକଟକୁ ଅଥବା ଶିଳ୍ପ ବିବାଦ ଅଧିନିୟମ, 1947 ଅନୁଯାୟୀ ଗଠିତ ସେଭଳି ଶିଳ୍ପ ଟ୍ରିବୁନାଲ ନିକଟକୁ ବିନିଶ୍ଚୟ ପାଇଁ ପଠାଇବେ ଯାହାକି କେନ୍ଦ୍ର ସରକାର ଅଧିସୂଚନା ଦ୍ୱାରା ଏହି ଉପଲକ୍ଷେ ବିନିର୍ଦ୍ଦିଷ୍ଟ କରିପାରନ୍ତି । |
| | (2) ଯେଉଁ ଟ୍ରିବୁନାଲକୁ ସେଭଳି ବିଷୟ ସୂଚିତ ହୋଇଥିବ ତାହା ପକ୍ଷମାନଙ୍କୁ ଶୁଣାଯିବା ପାଇଁ ଏକ ଯଥୋଚିତ ସୁଯୋଗ ଦେବା ପରେ ସେଭଳି ବିଷୟକୁ ବିନିଶ୍ଚୟ କରିବ ଏବଂ ତାହାର ବିନିଶ୍ଚୟ ଚୂଡ଼ାନ୍ତ ହେବ ଏବଂ ସେଭଳି ସମସ୍ତ ପକ୍ଷମାନଙ୍କ ଉପରେ ବାଧ୍ୟକର ହେବ । |